# ବିଶ୍ୱ କବିତା ଦିବସ ଅବସରରେ
# ସାହିତ୍ୟ ଏକାଡେମୀର ବହୁଭାଷୀ କବି ସମ୍ମିଳନୀ

କୋଲକାତା,୨୧।୩(ଆପ୍ର): ବିଶ୍ୱ କବିତା ଦିବସ ଅବସରରେ ସାହିତ୍ୟ ଏକାଡେମୀ ତରଫରୁ ଅନଲାଇନ୍ ମାଧ୍ୟମରେ ଏକ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଏକାଡେମୀ, ଆଂଚଳିକ କାର୍ଯ୍ୟାଳୟ, କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ। ବିଶ୍ୱକବିତା ଦିବସର ଗୁରୁତ୍ୱ ଏବଂ ଆଧୁନିକ କବିତାର ବିଭବ ସମ୍ପର୍କରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ବର୍ଣ୍ଣାଲି ବୋରଗୋହେନ (ଅହମିଆ), ଅର୍ଣ୍ଣବ ସାହା (ବଙ୍ଗଳା), ରଶ୍ମୀ ଚୌଧୁରୀ (ବୋଡୋ), ନିବେଦିତା ଝା (ମୈଥିଳି), ଦେବଦାସ ମାଇରେମବାମ (ମଣିପୁରୀ), ଲକ୍ଷ୍ମଣ ଅଧିକାରୀ (ନେପାଳୀ), ଶଶିଭୂଷଣ ବିଶ୍ୱାଳ (ଓଡିଆ)ଏବଂ ଭୁଜଙ୍ଗ ଟୁଡୁ (ସାନ୍ତାଳି)। ନିମନ୍ତ୍ରିତ କବିମାନେ ମୂଳ ଭାଷା ସହିତ ହିନ୍ଦୀ / ଇଂରାଜୀ ଭାଷାରେ ତାହାର ଅନୁବାଦ ମଧ୍ୟ ଶୁଣାଇଥିଲେ। କବିତାଗୁଡିକରେ ବ୍ୟକ୍ତିଗତ ଅନୁଭବ ସହିତ ସମକାଳର ଚିତ୍ର ପ୍ରତିଫଳିତ ହୋଇଥିଲା। କେତେକ କବିତାରେ ଆଧୁନିକ ସମାଜର ବୈଚିତ୍ର୍ୟ ପରିସ୍ଫୁଟିତ ହୋଇଥିଲା। ଓଡିଆ ଭାଷାର କବି ଶଶିଭୂଷଣ ବିଶ୍ୱାଳଙ୍କ କବିତା ବସନ୍ତ, ଚିତ୍ରିତ ସକାଳ, ନୀଳ ନିର୍ବାଣ ଉଚ୍ଚ ପ୍ରଶଂସିତ ହୋଇଥିଲା। ଶେଷରେସାହିତ୍ୟ ଏକାଡେମୀ, କୋଲକାତା କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅଭିଷେକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।